ମୋହନ ଏବଂ ଅନ୍ୟଜଣେ

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

ମାର୍ଚ୍ଚ 13, 2007

[ଏସ୍. ବି. ସିହ୍ନା ଏବଂ ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 11-A – କେଉଁ ଅବଧି ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବ – ଦର୍ଶାଯାଇଛି – ଘୋଷଣାନାମା ପ୍ରକାଶନ ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରିବାକୁ ହେବ – ଏହି ସମୟସୀମା ପାଳନ କରିବାରେ ବିଫଳତା ଅଧିନିର୍ଣ୍ଣୟ ପାଇଁ ମାରାତ୍ମକ ଯେହେତୁ ବ୍ୟବସ୍ଥା ବାଧ୍ୟତାମୂଳକ – ଏହା ଧାରା 6 ଅଧୀନରେ ଘୋଷଣାନାମାର ଶେଷ ପ୍ରକାଶନ ତାରିଖ ଯାହା ନିର୍ଣ୍ଣାୟକ ଏବଂ ଉକ୍ତ ଘୋଷଣାନାମାର ପରବର୍ତ୍ତୀ କୌଣସି ଶୁଦ୍ଧିପତ୍ର କରାଯିବ ନାହିଁ ।*

ଅପିଲକାରୀ-ଜମି ମାଲିକମାନେ 4.2.2003 ତାରିଖର ଅଧିନିର୍ଣ୍ଣୟକୁ ଆପତ୍ତି କରି ଯୁକ୍ତି କରିଥିଲେ ଯେ  ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 6 ଅନୁଯାୟୀ ଘୋଷଣାନାମା ପ୍ରକାଶନର ଶେଷ ତାରିଖ 28.2.2000 ହୋଇଥିବାରୁ, ଅଧିନିୟମର ଧାରା 11-A ର ବ୍ୟବସ୍ଥାଗୁଡ଼ିକୁ ଦୃଷ୍ଟିରେ ରଖି ସମଗ୍ର କାର୍ଯ୍ୟାନୁଷ୍ଠାନଗୁଡ଼ିକ ସମାପ୍ତ ହୋଇଯିବ ।

ଉତ୍ତରଦାତା-ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଥିଲା ଯେ ଅଧିଗ୍ରହଣ କରାଯିବାକୁ ପ୍ରସ୍ତାବିତ ଚୂଡ଼ାନ୍ତ କ୍ଷେତ୍ର ପାଇଁ ଶୁଦ୍ଧିପତ୍ର 25.1.2003 ରେ ଜାରି କରାଯାଇଥିଲା ଏବଂ ତେଣୁ ତାରିଖ 4.2.2003 ର ଅଧିନିର୍ଣ୍ଣୟ ସମୟ ମଧ୍ୟରେ ଥିଲା ।

ଜମି ମାଲିକଙ୍କ ଅପିଲକୁ ଅନୁମତି ଦେଇ ନ୍ୟାୟାଳୟ

ଦର୍ଶାଇଥିଲେ: ଜମି ଅଧିଗ୍ରହଣ ଅଧିନିୟମ,1894ର ଧାରା 11 Aକୁ ଦୃଷ୍ଟିରେ ରଖି ଧାରା 6 ଅନୁଯାୟୀ ଘୋଷଣା ପ୍ରକାଶନ ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିବାକୁ ପଡ଼ିବ । ଏହି ସମୟସୀମା ପାଳନ କରିବାରେ ବିଫଳତା ଅଧିନିର୍ଣ୍ଣୟ ପାଇଁ ମାରାତ୍ମକ, ଯେହେତୁ ଏହି ବ୍ୟବସ୍ଥା ବାଧ୍ୟତାମୂଳକ । ଧାରା 11A ଅନୁଯାୟୀ ଯାହା ଦେଖିବାକୁ ହେବ ତାହା ହେଉଛି ଧାରା 6 ଅନୁଯାୟୀ

**ଘୋଷଣାନାମାର ଶେଷ ପ୍ରକାଶନ ତାରିଖ, ଏବଂ ଉକ୍ତ ଘୋଷଣାନାମାର ପରବର୍ତ୍ତୀ କୌଣସି ଶୁଦ୍ଧିପତ୍ର ନୁହେଁ ।**

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 1321/2007

ଆଜ୍ଞାଦେଶ ଆବେଦନ ସଂଖ୍ୟା 455/2004 ରେ ବମ୍ବେ ଉଚ୍ଚ ନ୍ୟାୟାଳୟ, ଔରଙ୍ଗାବାଦର ବିଚାରପୀଠରେ 12.4.2005 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଉଦୟ ବି. ଦୁବେ (କୁଳଦୀପ ସିଂହଙ୍କ ପାଇଁ) ।

ଉତ୍ତରଦାତାମାନଙ୍କ ପାଇଁ ସୁଧାଂଶୁ ଚୌଧୁରୀ, ନରେଶ କୁମାର, ଏସ୍. ଏସ୍. ସିନ୍ଦେ ଏବଂ ଭି. ଏନ୍. ରଘୁପତି ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା ।

**ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତି** 1. ଅନୁମତି ପ୍ରଦାନ କରାଗଲା ।

2. ଆଜ୍ଞାଦେଶ ଆବେଦନ ସଂଖ୍ୟା 455/ 2004ରେ ବମ୍ବେ ଉଚ୍ଚ ନ୍ୟାୟାଳୟ, (ଔରଙ୍ଗାବାଦ ବିଚାରପୀଠ)ର 12.4.2005 ତାରିଖର ଆକ୍ଷେପିତ ରାୟ ବିରୁଦ୍ଧରେ ଏହି ଅପିଲ ଦାଖଲ କରାଯାଇଛି ।

3. ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶୁଣିଲୁ ଏବଂ ନଥିକୁ ଅନୁଧ୍ୟାନ କଲୁ ।

4. ଆବେଦନକାରୀ ତାଲେଗାଓଁ (ଘାଟ) ଗ୍ରାମରେ ରେନାପୁର ମଧ୍ୟମ ପ୍ରକଳ୍ପ ସମ୍ବନ୍ଧରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ 4.2.2003 ତାରିଖର ଅଧିନିର୍ଣ୍ଣୟକୁ ନାକଚ କରିବାକୁ ଅନୁରୋଧ କରିଛନ୍ତି । ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ ଏବଂ ସେଥିପାଇଁ ଏହି ଅପିଲ ।

5. ଆମ ସମ୍ମୁଖରେ ସଂକ୍ଷିପ୍ତ ବିଷୟ ହେଉଛି ଜମି ଅଧିଗ୍ରହଣ ଅଧିନିୟମର ଧାରା 11A (ଏହା ପରେ "ଅଧିନିୟମ" ଭାବରେ ସୂଚିତ)କୁ ଦୃଷ୍ଟିରେ ରଖି ଏହି ଅଧିନିର୍ଣ୍ଣୟ ବେଆଇନ ଥିଲା କି ନାହିଁ ।

6. ଅଧିନିୟମର ଧାରା 4 ଅନୁଯାୟୀ ଅଧିସୂଚନାର ଶେଷ ପ୍ରକାଶନ ତାରିଖ 18.2.1999 (ରାଜପତ୍ରରେ) ଥିଲା । ଅଧିନିୟମର ଧାରା 6 ଅନୁଯାୟୀ ଘୋଷଣାନାମାର ଶେଷ ପ୍ରକାଶନ

28.2.2000 ଥିବାବେଳେ ଅଧିନିର୍ଣ୍ଣୟ 4.2.2003 ରେ ପ୍ରକାଶିତ ହୋଇଥିଲା । ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଅନୁଯାୟୀ ଅଧିନିର୍ଣ୍ଣୟ 28.2.2000 ରେ କିମ୍ବା ପୂର୍ବରୁ ପ୍ରକାଶିତ ହେବା ଉଚିତ ଯାହା ଅଧିନିୟମର ଧାରା 6 ଅନୁଯାୟୀ ଶେଷ ଘୋଷଣାନାମା ତାରିଖ ଥିଲା । ବିଜ୍ଞ ଅଧିବକ୍ତା ଏହି ଅଧିନିୟମ 11 A ପ୍ରତି ଆମର ଧ୍ୟାନ ଆକର୍ଷଣ କରିଛନ୍ତି, ଯେଉଁଥିରେ କୁହାଯାଇଛି:

> "11A ଜିଲ୍ଲାପାଳ ଘୋଷଣାନାମା ପ୍ରକାଶନର ଦୁଇ ବର୍ଷ ମଧ୍ୟରେ ଧାରା 11 ଅନୁଯାୟୀ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିବେ ଏବଂ ଯଦି ସେହି ସମୟ ମଧ୍ୟରେ କୌଣସି ଅଧିନିର୍ଣ୍ଣୟ ପ୍ରଦାନ କରାଯାଇନଥାଏ, ତେବେ ଜମି ଅଧିଗ୍ରହଣ ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନଗୁଡ଼ିକ ସମାପ୍ତ ହୋଇଯିବ। "

7. ଆମ ମତରେ ଅଧିନିୟମର ଧାରା 11A ର ସ୍ପଷ୍ଟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଉପସ୍ଥାପନା ସ୍ପଷ୍ଟ ଭାବରେ ସଠିକ । ଧାରା 11-A କୁ ଦୃଷ୍ଟିରେ ରଖି, ଧାରା 6 ଅନୁଯାୟୀ ଘୋଷଣାନାମା ପ୍ରକାଶନ ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଏକ ଅଧିନିର୍ଣ୍ଣୟ ଦେବାକୁ ପଡ଼ିବ । ଏହି ସମୟସୀମା ପାଳନ କରିବାରେ ବିଫଳତା ଅଧିନିର୍ଣ୍ଣୟ ପାଇଁ ମାରାତ୍ମକ, ଯେହେତୁ ଏହି ବ୍ୟବସ୍ଥା ବାଧ୍ୟତାମୂଳକ ।

8. ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନା କରିଥିଲେ ଯେ ଅଧିନିୟମର ଧାରା 6 ଅନୁଯାୟୀ 28.2.2000 ତାରିଖର ଘୋଷଣା ପରେ, ଅଧିଗ୍ରହଣକାରୀ ସଂସ୍ଥା ଜମି ଅଧିଗ୍ରହଣ ଅଧିକାରୀଙ୍କୁ ଏହାର 2.1.2001 ତାରିଖର ଯୋଗାଯୋଗ ମାଧ୍ୟମରେ କିଛି ଅଞ୍ଚଳକୁ ଅପସାରଣ କରିବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଧାରା 6 ଅନୁଯାୟୀ ମୂଳ ଘୋଷଣା 155.26 ହେକ୍ଟର ଅଧିଗ୍ରହଣ ବିଷୟରେ ଥିଲା, କିନ୍ତୁ ଏହା ପରେ 107.99 ହେକ୍ଟରକୁ ଅପସାରଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ତେଣୁ ଅଧିଗ୍ରହଣ କରାଯିବାକୁ ଥିବା ଅନ୍ତିମ କ୍ଷେତ୍ର 36.8 ହେକ୍ଟର ପର୍ଯ୍ୟନ୍ତ ଥିଲା । ତଦନୁସାରେ, 25.1.2003 ରେ ସେହି ପ୍ରଭାବ ପାଇଁ ଏକ ଶୁଦ୍ଧିପତ୍ର ଜାରି କରାଯାଇଥିଲା, ଏବଂ ତେଣୁ, ଏହା ଉପସ୍ଥାପନ କରାଯାଇଛି ଯେ 4.1.2003 ତାରିଖର ଅଧିନିର୍ଣ୍ଣୟ ଠିକ ସମୟ ମଧ୍ୟରେ ଥିଲା । ଆମେ ସହମତ ନାହୁଁ ।

9. ଆମ ମତରେ ଧାରା 11 A ଅଧୀନରେ ଯାହା ଦେଖିବାକୁ ହେବ ତାହା ହେଉଛି ଧାରା 6 ଅନୁଯାୟୀ ଘୋଷଣାନାମାର ଶେଷ ପ୍ରକାଶନ ତାରିଖ, ଏବଂ ଉକ୍ତ ଘୋଷଣାନାମାର ପରବର୍ତ୍ତୀ କୌଣସି

ଶୁଦ୍ଧିପତ୍ର ନୁହେଁ । ଏକମାତ୍ର ପରିସ୍ଥିତି ଯେଉଁଥିରେ ଧାରା 6 ଅନୁଯାୟୀ ଘୋଷଣା ଏବଂ ଅଧିନିର୍ଣ୍ଣୟ ମଧ୍ୟରେ ଅବଧି ବୃଦ୍ଧି କରାଯାଇପାରିବ, ଧାରା 11A ର ବ୍ୟାଖ୍ୟାରେ ଉଲ୍ଲେଖ କରାଯାଇଛି ଯେଉଁଥିରେ କୁହାଯାଇଛି: "ଧାରା 11-A ରେ ସୂଚିତ ଦୁଇ ବର୍ଷର ଅବଧି ଗଣନା କରିବାରେ, ଯେଉଁ ଅବଧି ମଧ୍ୟରେ ଉକ୍ତ ଘୋଷଣାନାମା ଅନୁସାରେ ନିଆଯିବାକୁ ଥିବା କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା କାର୍ଯ୍ୟବିଧି ଏକ ନ୍ୟାୟାଳୟର ଆଦେଶ ଦ୍ଵାରା ସ୍ଥଗିତ ରଖାଯାଇଛି, ତାହା ବାଦ ଦିଆଯିବ ।"

10. ଧାରା 11-A ରେ କିଛି ଉଲ୍ଲେଖ ନାହିଁ ଯେ ଧାରା 6 ଅନୁଯାୟୀ ଘୋଷଣାନାମାର ପ୍ରକାଶନ ଏବଂ ଉକ୍ତ ଘୋଷଣାନାମାର କୌଣସି ଶୁଦ୍ଧିପତ୍ର ପ୍ରକାଶନର ପରବର୍ତ୍ତୀ ସମୟକୁ ମଧ୍ୟ ବାଦ ଦେବାକୁ ପଡ଼ିବ । ଆମେ ବିଧାନରେ ଶବ୍ଦ ଯୋଡ଼ିବୁ ଯଦି ଆମେ ଧାରା 11-A ରେ ଏପରି ବ୍ୟାଖ୍ୟା ରଖୁ, ଏବଂ ଏହା ଦୃଢ ଭାବରେ ସ୍ଥିର ହୋଇଛି ଯେ ନ୍ୟାୟାଳୟ ଏକ ବିଧାନରେ ଶବ୍ଦ ଯୋଡିବେ ନାହିଁ କିମ୍ବା ଅପସାରଣ କରିବା ଉଚିତ ନୁହେଁ ।

11. ଉପରୋକ୍ତ କାରଣଗୁଡ଼ିକୁ ଦୃଷ୍ଟିରେ ରଖି ଏହି ଅପିଲକୁ ଅନୁମତି ଦିଆଯାଇଛି । ଏହି ଆକ୍ଷେପିତ ଅଧିନିର୍ଣ୍ଣୟକୁ ରଦ୍ଦ କରିଦିଆଯାଇଛି । ଆକ୍ଷେପିତ ରାୟକୁ ରଦ୍ଦ କରାଯାଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର୍. ପି. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**

**ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**